ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ୨୧ ଫେବୃୟାରୀ , ୨୦୨୦



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଡ଼େ ସ୍ପର୍ଦ୍ଧା, ତ୍ୟାଗରେ ବଡ଼େ ମହତ୍ତ୍ୱ।

-ଶିରିଡି ସାଇବାବା



## ସଂକ୍ଷେପରେ

### ସୀମାନ୍ତ ଗାଁରେ ଖୋଲିଲା ଚାଉଳ ପ୍ରଦାନ କେନ୍ଦ୍ର



ପଟ୍ଟାଙ୍ଗି,୨୦।୨(ଡି.ଏନ୍.ଏ.): କିଛିଦିନ ତଳେ ଆନ୍ଧ୍ର ସରକାର ସୀମାନ୍ତ କୋଟିଆ ଗ୍ରାମବାସୀଙ୍କୁ ଜଙ୍ଗଲ ଜମିପଟ୍ଟା ଦେଇ ସେମାନଙ୍କ ନିକଟତର ହେବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଏହାର କିଛିଦିନ ବ୍ୟବଧାନରେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଯୋଗାଣ ଅଧିକାରୀ ସୋନାଲି ଖରା, ପିଇଓ ଦୁଃଶାସନ ନାୟକ ଓ ଯୋଗାଣ ସହାୟକ ରିନା ଖିଲ କୋଟିଆ ପଞ୍ଚାୟତ ତଥା ଆନ୍ଧ୍ର ସୀମାନ୍ତ ତାଡିବାଲସା ଗ୍ରାମରେ ପହଞ୍ଚି ଅସ୍ଥାୟୀ ଚାଉଳ ପ୍ରଦାନ କେନ୍ଦ୍ର ଆୟୋଜନ କରି ଗ୍ରାମବାସୀଙ୍କୁ ଚାଉଳ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଉପରୋକ୍ତ ଗ୍ରାମ ସମେତ ଆରୁଜୁବାଲସା, ନେରଡବାଲସା, ଧୂଳିପଦର ଓ ଝାଙ୍ଗରଗୁଡ଼ା ପାଞ୍ଚ ଖଣ୍ଡ ଗ୍ରାମବାସୀଙ୍କ ଲୋକସଂଖ୍ୟା ୮୧୮ ରହିଥିବା ସହ ୨୮୬ କାର୍ଡଧାରୀ ପ୍ରତି ମାସରେ ପ୍ରାୟ ୧୦ କିଲୋମିଟର ଦୂର କୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଚାଉଳ ନେବା ସମସ୍ୟା ହେଉଥିଲା। ସେହିପରି ଆନ୍ଧ୍ର ସୀମାନ୍ତ ଅନ୍ୟ ଏକ ଗ୍ରାମ କୁମ୍ଭିଗୁଡ଼ାରେ ଯୋଗାଣ ବିଭାଗ ଅଧିକାରୀ ଖରା ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତା ମାସରୁ ତାଡିବାଲସା ଗ୍ରାମରେ ଅସ୍ଥାୟୀ ଭାବେ ଖୋଲା ଯାଇଥିବା ଚାଉଳ କେନ୍ଦ୍ରରୁ କୁମ୍ଭିଗୁଡ଼ା ଗ୍ରାମବାସୀ ଚାଉଳ ପାଇପାରିବେ। କୋଟିଆ ପଞ୍ଚାୟତରେ ମୋଟ ୮୦୪୩ ଲୋକସଂଖ୍ୟା ଥିବାବେଳେ ୨୬୨୭ କାର୍ଡଧାରୀଙ୍କ ପାଇଁ ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟ ସମେତ ଶ୍ରାବଣିକା ଏସ୍ଏଚ୍ଜି ଓ ଆଡୁମାଳି ଏସ୍ଏଚ୍ଜି ପ୍ରମୁଖ ତିନୋଟି ଚାଉଳ ପ୍ରଦାନ କେନ୍ଦ୍ରରୁ ହିତାଧିକାରୀଙ୍କୁ ପ୍ରତି ମାସରେ ଚାଉଳ ଦେଇଆସୁଥିଲା ବ୍ଲକ ପ୍ରଶାସନ।

### ଚକ୍ଷୁ ପରୀକ୍ଷା ଶିବିର



ଚାନ୍ଦିଲି(କୋଟପାଡ଼),୨୦।୨(ଡି.ଏନ୍.ଏ.): ମୁଖ୍ୟମନ୍ତ୍ରୀ ଚକ୍ଷୁ ଯତ୍ନ କାର୍ଯ୍ୟକ୍ରମ ସୁନେତ୍ର ଯୋଜନା ଆନୁକୂଲ୍ୟରେ କୋଟପାଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। କୋଟପାଡ଼ ଜାମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଉକ୍ତ ଶିବିର ହୋଇଛି। ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ଚକ୍ଷୁ ସମସ୍ୟା ଥିବା ପ୍ରାୟ ୧୧୮ ଜଣ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇଥିଲା। ଜୟପୁର ଚକ୍ଷୁ ଚିକିତ୍ସା ସହାୟକ ହରମୋହନ ପାତ୍ର, ଅଶ୍ୱିନୀ ପାତ୍ର ଚକ୍ଷୁ ପରୀକ୍ଷା କରିଥିବା ବେଳେ କର୍ମଚାରୀ ଯୋସେଫ ଚେଚ୍ଚି, କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଇଇ ରବୀନ୍ଦ୍ର ସେଠୀ, ସ୍ୱାସ୍ଥ୍ୟକର୍ମୀ ନରସିଂହ ସାହୁ, ଦୁର୍ଗା ପ୍ରସାଦ ଖୁଣ୍ଟିଆ, ପ୍ରକାଶ ବେହେରା, ସମୀର ତ୍ରିପାଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଦୃଷ୍ଟି ସମସ୍ୟା ଥିବା ଛାତ୍ରୀଛାତ୍ରଙ୍କୁ ମାଗଣା ଚଷମା ଦିଆଯିବ।

### ଆତ୍ମରକ୍ଷା ତାଲିମ



ବୋରିଗୁମ୍ମା,୨୦।୨(ଡି.ଏନ୍.ଏ.): ବୋରିଗୁମ୍ମାସ୍ଥିତ ଭୈରବ ଜୁନିୟର ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଶେଷ ଦିନରେ ଆଇଟିଡିଏ ପିଏ ଗୋପୀନାଥ ସାରକା ଯୋଗଦେଇ ସ୍କୁଲ, କଲେଜ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଦାଶରଥି ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧାପକ ଡ. ପ୍ରଦୀପ ସ୍ୱାଇଁ ଯୋଗଦେଇ କହିଥିଲେ ଆଜିର ଦିନରେ ମହିଳା ଙ୍କ ଆତ୍ମରକ୍ଷା ନିହାତି ଆବଶ୍ୟକ ହୋଇପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ ୭ରୁ ୨୦ ତାରିଖ ପର୍ଯ୍ୟନ୍ତ ୧୨ ଦିନ ଧରି ଚାଲିଥିବା ଏହି ଶିବିରରେ ୧୩୪ ଛାତ୍ରୀ ଆତ୍ମରକ୍ଷା ତାଲିମ ନେଇଥିଲେ। ସୁନାବେଡ଼ାର ମମତାରାଣୀ ଚୌଧୁରୀ ଓ ଜ୍ୟୋତିରାଣୀ ଦଳାଇ ସେମାନଙ୍କ ତାଲିମ ଦେଇଥିଲେ। ଶିବିରର ସଂଯୋଜକ ତଥା ଅଧାପକ ସୁଧାଂଶୁ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ନିହାରିକା ପଣ୍ଡା, ସୁନୀତି ପୃଷ୍ଟି, ଅଧାପକ ପଦ୍ମଭୂଷଣ ଦାସ ଯୋଗ ଦେଇଥିଲେ।

■ 'ମୋ ସରକାର' ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

# 'କାର୍ଯ୍ୟକ୍ଷମ ହେଉ ବିଲ୍ଟ ପେପରମିଲ୍'

ଜୟପୁର,୨୦।୨(ଡି.ଏନ୍.ଏ./ନି.ପ୍ର.)

ଜୟପୁରସ୍ଥିତ ବିଲ୍ଟ କାଗଜକଳର ଶ୍ରମିକ ଓ କର୍ମଚାରୀ ସଂଘକୁ ନେଇ ଗଠିତ କ୍ରିୟାନୁଷ୍ଠାନ କମିଟି ଗୁରୁବାର 'ମୋ ସରକାର' ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛି। ବିଲ୍ଟ ପେପରମିଲ୍‌କୁ କାର୍ଯ୍ୟକ୍ଷମ କରିବା ସହ କର୍ମଚାରୀ ଓ ଶ୍ରମିକଙ୍କ ଜୀବନ ଜୀବିକା ରକ୍ଷା ପାଇଁ ମୋ ସରକାର ଦ୍ୱାରା ପଦେକ୍ଷପ ନେବା ପାଇଁ ଦାବି କରିଛନ୍ତି କ୍ରିୟାନୁଷ୍ଠାନ କମିଟିର ୪ଟି ଶ୍ରମିକ ଓ କର୍ମଚାରୀ ସଂଘର ପ୍ରତିନିଧି ଦଳ।କୋରାପୁଟ ଜିଲାର ଏକମାତ୍ର କାଗଜକଳ ଭାବେ ୩୮ ବର୍ଷ ପୂର୍ବରୁ ଏହି କମ୍ପାନୀ ପ୍ରତିଷ୍ଠା କରାଯାଇଥିଲା। ୮୦ ଦଶକରେ ଏହା ବନ୍ଦ ହେବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରୟାସରେ ୧୯୯୧ରେ ଏହା ପୁଣି କାର୍ଯ୍ୟକ୍ଷମ ହୋଇଥିଲା। ୨୦୧୬ରେ ଏହା ପୁଣି ବନ୍ଦ ରହିଥିଲା। କାରାଖାନାର ସ୍ଥାୟୀ କର୍ମଚାରୀ ଓ ଶ୍ରମିକ ନିଜ ମଜୁରି ଓ କିଛି ଭତ୍ତା କାଟିବାକୁ ସହମତ ହେବା ପରେ ୨୦୧୮ରେ ଏଠାରେ ପୁଣି ଉତ୍ପାଦନ ଆରମ୍ଭ କରାଯାଇଥିଲା। କାରଖାନା ବନ୍ଦ ହେବା ବେଳକୁ କର୍ମଚାରୀଙ୍କ ୧୫ ମାସର ଦରମା ବକେୟା ପଡ଼ିଥିଲା। ଗତ ବର୍ଷ ଏପ୍ରିଲ ୨୦ରୁ ପୁଣି ଉତ୍ପାଦନ ବନ୍ଦ ରହିଛି। ୧୦ ମାସ ହେବାକୁ ଯାଉଛି, କର୍ମଚାରୀ ଓ ଶ୍ରମିକଙ୍କୁ ଦରମା ମିଳିନାହିଁ। ସେମାନଙ୍କ ଦୈନିକ ଗୁଜୁରାଣ, ପିଲାଙ୍କ ପାଠପଢ଼ାରେ ସମସ୍ୟା ହେବାରୁ କେତେକ କର୍ମଚାରୀ ବାହାର ଜିଲା ଓ ରାଜ୍ୟକୁ କାମ କରିବାକୁ ଚାଲିଗଲେଣି। ଏହି କାଗଜକଳକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ଶିଳ୍ପମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓ ଜୟପୁର ବିଧାୟକଙ୍କ ଉପସ୍ଥିତିରେ ବହୁଥର ଉଚ୍ଚସ୍ତରୀୟ ବୈଠକ ବସିଛି। ଏପରିକି ଗତ ସାଧାରଣ ନିର୍ବାଚନ ବେଳେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଦାବି ହୋଇଛି। ପ୍ରତିନିଧି ଦଳରେ କ୍ରିୟାନୁଷ୍ଠାନ କମିଟିର ପ୍ରମୋଦ ମହାନ୍ତି, ସନ୍ଦିପ ପଟ୍ଟନାୟକ, ବାଳକୃଷ୍ଣ ପ୍ରଧାନ, ଧୀରେନ୍ଦ୍ର ମହାନ୍ତି, ପ୍ରଦୀପ ପାଣ୍ଡିଆ, କେଦାର ଆଚାର୍ଯ୍ୟ, ସୁଦର୍ଶନ ବିଶୋୟୀ, ଉମା ପାଣିଗ୍ରାହୀ ଉପସ୍ଥିତ ଥିଲେ।



ଦାବିପତ୍ର ଦେଇଥିବା ପ୍ରତିନିଧି ଦଳ।

# ଦଶମନ୍ତପୁରର ୮ ସ୍କୁଲ ସ୍ୱର୍ଣ୍ଣ ଯୋଜନା ପାଇଁ ମନୋନୀତ



ପ୍ରମାଣପତ୍ର ପାଇଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ।

ଦଶମନ୍ତପୁର,୨୦।୨(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକର ୮ଟି ବିଦ୍ୟାଳୟ ରାଜ୍ୟସ୍ତରୀୟ ସ୍ୱର୍ଣ୍ଣ ଯୋଜନାରେ ସାମିଲ ହୋଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ଅଧିକାରୀଙ୍କ ଆନୁକୂଲ୍ୟରେ ୨ୟ ପର୍ଯ୍ୟାୟ ଗାରିମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆର୍‌ସିସି ସଦାଶିବ ପ୍ରଧାନୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଶମନ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ପିରିମାଛି ପ୍ରାଥମିକ ବିଦ୍ୟାଳୟ, ଦେଓଖଡ଼କ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମିଟକରଲି ବିଦ୍ୟାଳୟ, ପୁଞ୍ଜିସିଲ ପ୍ରାଥମିକ ବିଦ୍ୟାଳୟ, ବି.ଏସ୍. ଦଲଦଲା ପ୍ରାଥମିକ ବିଦ୍ୟାଳୟ, ବାଉଁଶଗୁଡ଼ା ପ୍ରାଥମିକ ବିଦ୍ୟାଳୟ ଓ କଣ୍ଟାବେଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଯେଉଁ ବିଦ୍ୟାଳୟର ୮୦ ପ୍ରତିଶତ ବିଦ୍ୟାର୍ଥୀ ପରୀକ୍ଷାରେ ୬୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବେ, ସେହି ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଏ। ପ୍ରଥମେ ବ୍ରୋଞ୍ଜ ପରେ ୨ୟ ପର୍ଯ୍ୟାୟରେ ଗାରିମା ଓ ୩ୟ ପର୍ଯ୍ୟାୟରେ ଗୋଲ୍ଡ ଯୋଜନାରେ ପରୀକ୍ଷା ଦେବା ନିୟମ ରହିଛି। ଏହି ପରୀକ୍ଷାରେ ୮ଟି ବିଦ୍ୟାଳୟର ଶିକ୍ଷୟତ୍ରୀ, ଶିକ୍ଷକମାନେ ଫଳରେ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ରାଜ୍ୟସ୍ତରୀୟ ମାନପତ୍ର ଗ୍ରହଣ କରିଛନ୍ତି।

# ନୂତନ ସ୍ୱର, ପ୍ରଥମ ମଞ୍ଚରେ ଗାଇଲେ ୨୦ ନବାଗତ

ଜୟପୁର,୨୦।୨(ଡି.ଏନ୍.ଏ.)

ଜୟପୁର ସହରର ସୁର ଘୁଙ୍ଗୁର ସଙ୍ଗୀତ ଗ୍ରୁପ୍ ପକ୍ଷରୁ ଏକ ଅଭିନବ ପ୍ରୟାସ ଓ ଲୁକ୍କାୟିତ ପ୍ରତିଭାଙ୍କ ଦ୍ୱାରା ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ନୂତନ ସ୍ୱର, ପ୍ରଥମ ମଞ୍ଚ ଆୟୋଜିତ ହୋଇଛି। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ରଥପଡ଼ିଆ ଛକରେ ଲୁକ୍କାୟିତ ପ୍ରତିଭା ଓ ଗାଇବାକୁ ଇଚ୍ଛା ରହିଥିଲେ ସୁଦ୍ଧା କୌଣସି ସୁଯୋଗ ମିଳୁ ନ ଥିବା କଳାକାରଙ୍କୁ ସୁଯୋଗ ଦେବା ଉଦ୍ଦେଶ୍ୟରେ ସୁର ଘୁଙ୍ଗୁର ସଂଗୀତ ଦଳର ମୁଖ୍ୟ ସଂଗୀତଜ୍ଞ ଧୀରେନ ମୋହନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ନବାଗତ ଭାବେ ବାଳିକା ବାଳକଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ଯାଏ ୨୦ ଜଣ ଗୀତ ଗାଇଥିଲେ। ପ୍ରାରମ୍ଭରେ ଜୟପୁର ବିକ୍ରମନଗର ବାସିନ୍ଦା ତଥା ବିଏସ୍ଏଫ୍‌ର ହାବିଲଦାର କୃଷ୍ଣଚନ୍ଦ୍ର ସାହୁଙ୍କ ପରଲୋକରେ ତାଙ୍କ ଶ୍ରଦ୍ଧାଞ୍ଜଳି ଜଣାଇ ନିରବ ପ୍ରାର୍ଥନା ସହ ଦେଶାତ୍ମବୋଧକ ଗୀତରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।



ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମ।

## ୩ ନାବାଳିକା ଉଦ୍ଧାର

କୁନ୍ଦୁରା,୨୦।୨(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ୪ଟି ବିଭାଗର ଅଧିକାରୀ ଶିଶୁ ସୁରକ୍ଷା ଅଭିଯାନ କରି ଏକ କାଜୁ ମିଲ୍‌ରୁ ୩ଜଣ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଗୁରୁବାର ଏହି ଶିଶୁ ସୁରକ୍ଷା କାର୍ଯ୍ୟକ୍ରମରେ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ, ସିଡବ୍ଲୁସି ଅଧ୍ୟକ୍ଷା ଡ. ଗାୟତ୍ରୀ ଦେବୀ, ଡିସିପିଓ ରାଜଶ୍ରୀ ଦାଶ, ଶ୍ରମ ନିରୀକ୍ଷକ ପୂର୍ଣ୍ଣିମା ତୁର୍କା, କୁନ୍ଦୁରା ଥାନାଧିକାରୀ ସୂର୍ଯ୍ୟପ୍ରକାଶ ନାୟକ କାଜୁ ମିଲରେ ମିଳିତ ଭାବେ ଚଢ଼ାଉ କରିଥିଲେ। ଅଞ୍ଚଳର ବହୁ ସ୍ଥାନରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯିବା ସହ ସେମାନଙ୍କୁ ଶୋଷଣ ଓ ନିର୍ଯାତନା ଦିଆଯାଉଛି। ଶିଶୁ ସୁରକ୍ଷା ଅଭିଯାନ ମାଧ୍ୟମରେ ଗୁରୁବାର ସେମାନଙ୍କୁ ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ। ଉକ୍ତ ୩ ଜଣ ନାବାଳିକାଙ୍କୁ ଶିଶୁ ସୁରକ୍ଷା ବିଭାଗ କୋରାପୁଟରେ ରଖିଥିବା ବେଳେ ଶୁକ୍ରବାର ସେମାନଙ୍କ ବୟାନ ରେକର୍ଡ଼ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ।

■ ଘାଟିରେ ବାଇକକୁ ଧକ୍କାଦେଲା ପିକ୍‌ଅପ୍

# ବାଇକ୍ ଆରୋହୀ ମୃତ

ବୈପାରୀଗୁଡ଼ା,୨୦।୨(ଡି.ଏନ୍.ଏ.)

ଶୈବପୀଠ ଗୁପ୍ତେଶ୍ୱର ଯିବା ରାସ୍ତାର ଡୋକ୍ରିଘାଟିରେ ଗୁରୁବାର ଏକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣକ ହେଲେ ଜୟପୁର ସମାରିତୋଟା ସାହି ବାସିନ୍ଦ ଏମ୍. ଅନିବେଶ (୨୮)। ସୂଚନା ଅନୁଯାୟୀ, ଶିବରାତ୍ରି ଅବସରରେ ଗୁପ୍ତେଶ୍ୱର ପୀଠରେ ବିଦ୍ୟୁତିକରଣ ପାଇଁ ଠିକାଦାର ମୁକେଶଲାଲ ବର୍ମା ଓ ତାଙ୍କ କର୍ମଚାରୀ ଏମ୍. ଅନିବେଶ ଏକ ବୁଲେଟ୍‌ରେ ଯାଉଥିଲେ। ପୀଠର ପ୍ରାୟ ୫ କିମି ପୂର୍ବରୁ ଡୋକ୍ରିଘାଟିରେ ସେମାନେ ତଳକୁ ଖସିବା ସମୟରେ ଏକ ପିକ୍‌ଅପ୍ ଭ୍ୟାନ ନିୟନ୍ତ୍ରଣ ହରାଇ ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ବୁଲେଟ୍ ସହ ଚାଳକ ମୁକେଶ ଲାଲ କିଛି ଦୂରକୁ ଛିଟିକି ପଡ଼ିଥିଲେ। କିନ୍ତୁ ଅନିବେଶ ଗାଡ଼ି ଚକାତଳେ ପଡ଼ିଯିବାରୁ ଚାପିହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଚାଳକ ମୁକେଶଙ୍କ ଗୋଟିଏ ହାତ ଭାଙ୍ଗିଛି। ଆସନ୍ତା ୧୧ରେ ଅନିବେଶଙ୍କ ଭଉଣୀ ବାହାଘର ଥିବାବେଳେ ତାଙ୍କ ମୃତ୍ୟୁରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ମାଟ୍ରିକ ପରୀକ୍ଷା ବେଳେ ବିଦ୍ୟୁତ୍ ବିଭ୍ରାଟ

■ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନାଲିଆଖି ଦେଖାଇଲେ ବିଦ୍ୟୁତ୍ ବିଭାଗ ଜେଇ

■ସିସିଟିଭି କ୍ୟାମେରାର କାର୍ଯ୍ୟକୁ ନେଇ ଉଠିଲା ପ୍ରଶ୍ନ

ପଟ୍ଟାଙ୍ଗି,୨୦।୨(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକର ମାଳିପୁଟ ରାଜୀବ ଗାନ୍ଧୀ ହାଇସ୍କୁଲ, ସୁଙ୍କି ବିଜୁ ହାଇସ୍କୁଲ ଓ ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ପ୍ରଥମ ଦିନ ବୁଧବାର ୬୮୭ ଜଣଙ୍କ ମଧ୍ୟରୁ ୬୫୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। କିନ୍ତୁ ପରୀକ୍ଷା ବେଳେ ୯ ଟାରୁ ଦେଢ଼ ଘଣ୍ଟା କରେଣ୍ଟ ଚାଲିଯାଇଥିଲା। ପୁଣି ପରୀକ୍ଷା ଚାଲିଥିବା ବେଳେ କରେଣ୍ଟ ଆସିଥିଲେ ମଧ ୪୫ ମିନିଟ ରହି ପୁଣି କଟିଯିବା ପରେ ୧୨ଟା ୩୦ରେ ଆସିଥିଲା। ଫଳରେ ସିସିଟିଭି କ୍ୟାମେରା ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ବାରିକ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଜଣାଇଥିଲେ ମଧ ସେ ନାଲି ଆଖି ଦେଖାଇ କହିଥିଲେ, ତୁମ ବିଦ୍ୟାଳୟର ବିଦ୍ୟୁତ ବିଲ୍ ପଇଠ ହୋଇନାହିଁ। ତାଙ୍କର ଏଭଳି ବ୍ୟବହାରକୁ ନେଇ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଏନେଇ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଯୋଗାଯୋଗ କରାଯିବାରୁ ସେ ବିଦ୍ୟୁତ ବିଭାଗର ଏପରି ମନ ମୁତାବକ କାର୍ଯ୍ୟ ପାଇଁ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ବିଶ୍ୱ ମାତୃଭାଷା ଦିବସ ପାଳିତ

ଜୟପୁର,୨୦।୨(ନି.ପ୍ର./ଡି.ଏନ୍.ଏ.):

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନିଜ ମାତୃଭାଷାର ଉନ୍ନତି ଓ ପ୍ରଚାର ପ୍ରସାର ପାଇଁ ସମସ୍ତ ନାଗରିକ ଯତ୍ନବାନ ହେବାର ଆବଶ୍ୟକତା ରହିଥିବା ବକ୍ତାମାନେ କହିଛନ୍ତି। ମାତୃଭାଷାର ସୁରକ୍ଷା ପ୍ରତି ସରକାର ଓ ଜନସାଧାରଣଙ୍କ ଦାୟିତ୍ୱ ନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯଜ୍ଞେଶ୍ୱର ପଣ୍ଡା, ପ୍ରଭାତ ରଥ, ଓମ୍‌ପ୍ରକାଶ ମିଶ୍ର, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଜୟପ୍ରକାଶ ମିଶ୍ର, ବିଶ୍ୱରଞ୍ଜନ ଗୌଡ଼, କେ. ପ୍ରମିଳା ମାତୃଭାଷା ଉପରେ ବକ୍ତବ୍ୟ ରଖିଥିଲେ।

# କେନ୍ ଷ୍ଟାର୍ ପକ୍ଷରୁ ଡିଲର୍ସ ମିଟ୍




କେନ୍‌ଷ୍ଟାର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଡିଲର୍ସମାନେ।

ଜୟପୁର,୨୦।୨(ଡି.ଏନ୍.ଏ.)

ଜୟପୁରସ୍ଥିତ ହୋଟେଲ ହ୍ୟାଲୋ ଜୟପୁରରେ ବୁଧବାର ସନ୍ଧ୍ୟାରେ କେନ୍ ଷ୍ଟାର କମ୍ପାନୀ ପକ୍ଷରୁ ଡିଲର୍ସ ମିଟ୍ ଅନୁଷ୍ଠିତ ହୋଇଛି। ଏଥିରେ ଜୟପୁର, କୋରାପୁଟ, ସୁନାବେଡ଼ା, ସେମିଳିଗୁଡ଼ା, ନବରଙ୍ଗପୁର, ଉମରକୋଟ, ମାଲକାନଗିରିର ବିଭିନ୍ନ କେନ ଷ୍ଟାରର ଡିଲରମାନେ ଉପସ୍ଥିତ ଥିଲେ। ନୂତନ ଭାବେ କେନ ଷ୍ଟାରର ଫ୍ୟାନ୍ ଶୁଭାରମ୍ଭ ହୋଇଥିବା ଏଥିରେ ନେଇ ସୂଚନା ଦିଆଯାଇଥିଲା। କେନଷ୍ଟାର ମୁଖ୍ୟ ନିର୍ବାହୀ ଅଧିକାରୀ ସୁନିଲ ଜୈନଙ୍କ ଭିଜୁଆଲ ସ୍ୱିଚ୍ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ କେନ ଷ୍ଟାର କମ୍ପାନୀର ରାଜ୍ୟ ଶାଖା ପରିଚାଳକ ବିଦ୍ୟାଧର ଦାଶ, ଆଞ୍ଚଳିକ ମ୍ୟାନେଜର ଶଶିକାନ୍ତ ପଣ୍ଡା, ସର୍ଭିସ ଇଞ୍ଜିନିୟର ଭବାନୀ ମିଶ୍ର, ଡିଷ୍ଟ୍ରିବ୍ୟୁଟର ରାମହରି ପଣ୍ଡା ଓ ଜୟପୁରର ବରିଷ୍ଠ ବ୍ୟବସାୟୀ ମହେଶ ଢୋଲକିଆ ମଞ୍ଚାସୀନ ଥିଲେ।

# ମାର୍ଚ୍ଚ ୧ରେ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ଜୟପୁର,୨୦।୨(ନି.ପ୍ର.)

ମାର୍ଚ୍ଚ ୧ରେ ଜୟପୁର ଐତିହାସିକ ଜଗନ୍ନାଥ ସାଗର ନିକଟସ୍ଥ ଲେକ ପ୍ଲେସିଡରେ ଷ୍ଟେଟ୍ ବଡି ବିଲଡିଂ ଆଣ୍ଡ ଫିଟନେସ ଚାମ୍ପିୟନଶିପ ଆୟୋଜିତ ହେବ। ରାଜ୍ୟର ସବୁ ଜିଲାରୁ ୪ରୁ ୫ ଶହ ପ୍ରତିଯୋଗୀ ଭାଗନେବେ। ର୍ୟାମ୍ପ ସହ ସଚେତନତା ଶୋଭାଯାତ୍ରା କରାଯିବ। ମଶଲ ୱାରିୟର ଜିମ୍ ପକ୍ଷରୁ କୋରାପୁଟ ଫିଟନେସ ବଡି ବିଲଡିଂ ଆସୋସିଏସନ ପ୍ରତିଯୋଗିତା ଆୟୋଜନ କରୁଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ନରେନ୍ଦ୍ରନାଥ ନାୟକ, ଉପସଭାପତି ଜଗଦୀଶ ଚନ୍ଦ୍ର ମିଶ୍ର, ସଙ୍ଗଠନ ସମ୍ପାଦକ ସନ୍ତୋଷ ନାୟକ, ପ୍ରଦୀପ ମହାପାତ୍ର, ତୁଳସୀ ବେହେରା ଉପସ୍ଥିତ ଥିଲେ।

# ଉପାନ୍ତ ଶ୍ରୋତାଙ୍କୁ ମନୋରଞ୍ଜନ, ସଚେତନ କରୁଛି ରେଡିଓ

ଜୟପୁର,୨୦।୨(ନି.ପ୍ର.)

ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ସହ ଗଜପତି ଜିଲାର ଅନେକ ଗାଁକୁ ଏବେ ମଧ ବିଜୁଳି ପହଞ୍ଚିନାହିଁ। ସେଭଳି ଗ୍ରାମାଞ୍ଚଳରେ ଲୋକଙ୍କ ମନୋରଞ୍ଜନ ପାଇଁ ଜୟପୁର ଆକାଶବାଣୀ କେନ୍ଦ୍ର କେବଳ ଏକମାତ୍ର ମାଧ୍ୟମ ନୁହେଁ, ବରଂ ଏହା ଚାଷୀ ଓ ମହିଳାଙ୍କ ପାଇଁ ସୂଚନା ସହାୟକ ଭାବେ ରହିଆସିଛି। ଏହି କେନ୍ଦ୍ର ଶ୍ରୋତାଙ୍କ ପ୍ରିୟଭାଜନ ହେବା ସହ ପାଣିପାଗ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଭଳି ପ୍ରସଙ୍ଗରେ ରେଡିଓ ଦ୍ୱାରା ସଚେତନ ହୋଇପାରୁଛନ୍ତି ଗ୍ରାମାଞ୍ଚଳର ଚାଷୀ ଓ ମହିଳା।

ଅବିଭକ୍ତ କୋରାପୁଟ ସହ ଗଜପତି ଜିଲାର ଗାଁ ଗହଳିରେ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ଥିଲା ଜୟପୁର ଆକାଶବାଣୀ। ୧୯୬୪ରେ ସ୍ଥାପିତ ଏହି କେନ୍ଦ୍ର ବହୁ ଲୋକପ୍ରିୟ କାର୍ଯ୍ୟକ୍ରମ ପ୍ରସାରଣ କରି ୫୦ରୁ ଅଧିକ ଜାତୀୟସ୍ତରୀୟ ସମ୍ମାନ ଓ ପୁରସ୍କାର ପାଇଛି। ଏହି କେନ୍ଦ୍ରକୁ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଦ୍ୱାରା ମିଡିୟମ ୱେଭରୁ ଉଚ୍ଚଶକ୍ତି ସମ୍ପନ୍ନ ସର୍ଟୱେଭରେ ପରିଣତ କରାଯାଇଛି। ଏହା ରାଜ୍ୟର ଏକମାତ୍ର ସର୍ଟୱେଭ ଟ୍ରାନ୍ସମିଟର (ଟାୱାର)। କେବଳ ମନୋରଞ୍ଜନ ନୁହେଁ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସାମାଜିକ ତଥା ଅନ୍ୟ କ୍ଷେତ୍ରୀୟ ବିକାଶରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ନେଇଛି। ଏହି କେନ୍ଦ୍ର ୧୯୮୩ରେ ଉତ୍ତମ ବୈଷୟିକ ରକ୍ଷଣାବେକ୍ଷଣ ପାଇଁ ପୂର୍ବାଞ୍ଚଳ ଜୋନରୁ ପ୍ରଥମ ପୁରସ୍କାର, ୧୯୯୨ରେ ଧରଣୀମା' ପାଇଁ ଜାତୀୟସ୍ତରର ପ୍ରଥମ ପୁରସ୍କାର, ୧୯୯୩ରେ ବେତାର ନାଟକ ଗୁରୁ ପାଇଁ ଜାତୀୟ ସ୍ତରର ପ୍ରଥମ ପୁରସ୍କାର, ୧୯୯୪ରେ ବିଜୟ କୀ କାର୍ଯ୍ୟକ୍ରମ ପାଇଁ ଜାତୀୟସ୍ତରର ଦ୍ୱିତୀୟ ପୁରସ୍କାର,୧୯୯୫ରେ ବାବୁଲା ପୁରାଣ ପାଇଁ ଜାତୀୟସ୍ତରର ଦ୍ୱିତୀୟ ପୁରସ୍କାର ପାଇଛି। ୧୯୯୬ରେ ବେତାର ନାଟକ ବାଘ ପାଇଁ ଜାତୀୟ ସ୍ତରରେ ଦ୍ୱିତୀୟ ପୁରସ୍କାର, ୧୯୯୮ରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ନିଶାରୁଆ ପାଇଁ ଜାତୀୟ ସ୍ତରରେ ପ୍ରଥମ ପୁରସ୍କାର, ୨୦୦୫ରେ 'ଉଠରେ ପାପୁନି' ପାଇଁ ଇରାନର ରାଜଧାନୀ ତେହେରାନରେ ଅନ୍ତର୍ଜାତୀୟ ବେତାର ପୁରସ୍କାର, ୨୦୦୬ରେ ଏଡସ୍ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ମୋତି ମାଣିକ ପାଇଁ ଜାତୀୟ ପୁରସ୍କାର, ମୋତି ମାଣିକ ପାଇଁ ୨୦୦୭ରେ ଅନ୍ତର୍ଜାତୀୟ ସ୍ତରରେ ଏସିଆ ପ୍ୟାସିଫିକ ବ୍ରଡକାଷ୍ଟିଙ୍ଗ ୟୁନିୟନ ଏବିୟୁ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୦୯ରେ ଉଦ୍‌ଘୋଷକ ଅଶୋକ ମିଶ୍ରଙ୍କ ଦ୍ୱାରା ପ୍ରାୟୋଜିତ ତଥା ନିର୍ଦ୍ଦେଶିତ ଏଡ୍‌ସ ସମ୍ବନ୍ଧୀୟ କାର୍ଯ୍ୟକ୍ରମ 'ଜାଣିଲେ ଜିଣିବା' ପାଇଁ ମଙ୍ଗୋଲିଆର ରାଜଧାନୀ ଉଲାନବାଟରେ ଅନ୍ତର୍ଜାତୀୟ ପୁରସ୍କାର, ୨୦୧୦ରେ ୨୦୦୯ ବର୍ଷ ପାଇଁ ପ୍ରସାର ଭାରତୀର ବାର୍ଷିକ ପୁରସ୍କାର ଶୃଙ୍ଖଳା ଅନ୍ତର୍ଗତ ଉତ୍ତମ ବୈଷୟିକ ରକ୍ଷଣାବେକ୍ଷଣ ପାଇଁ ଜାତୀୟସ୍ତରର ମାନଚାନ୍ଦ ପୁରସ୍କାର ମିଳିଛି। ମନୋଜ ସାମନ୍ତରାୟଙ୍କ ପ୍ରଯୋଜନାରେ 'ଜୟ କିଶାନ' ପାଇଁ ୨୦୧୫ରେ ପ୍ରଥମ ପୁରସ୍କାର, ୨୦୧୬ରେ ରଞ୍ଜନ ବେହେରାଙ୍କ କାର୍ଯ୍ୟକ୍ରମ 'ବଗିଚାକୁ ଆସ' ପ୍ରଥମ ପୁରସ୍କାର, ଜଗଦୀଶ ଅଧିକାରୀଙ୍କ କାର୍ଯ୍ୟକ୍ରମ 'ଇନ୍ଦ୍ରଧନୁ ଆଟ ନାଇନ୍ଟସ' ୨୦୧୭ରେ ପ୍ରଥମ ପୁରସ୍କାର ଓ ନିକଟରେ ମନୋଜ ସାମନ୍ତରାୟଙ୍କ କାର୍ଯ୍ୟକ୍ରମ ସଡ଼କ ସୁରକ୍ଷା ଇରାନରେ ଅନ୍ତର୍ଜାତିକ ରେଡିଓ ମେଳାରେ ସ୍ଥାନିତ ହେବ ବୋଲି ସୂଚନା ମିଳିଛି। ଜୟପୁର ଆକାଶବାଣୀ କେନ୍ଦ୍ରର ସର୍ଟ ୱେଭ୍ ଟ୍ରାନ୍ସମିଟର ମାଧ୍ୟମରେ ପ୍ରଚାରିତ କାର୍ଯ୍ୟକ୍ରମ ବିଦେଶରେ ମଧ ଲୋକପ୍ରିୟତା ପାଇଛି। ଏହି କେନ୍ଦ୍ରର କାର୍ଯ୍ୟକ୍ରମ ସ୍ୱିଡେନ, ନେଦରଲାଣ୍ଡସ, ଅଷ୍ଟ୍ରେଲିଆ, ଭୂମଧ୍ୟସାଗର, ହଂକଂ, ଥାଇଲାଣ୍ଡ, ଇଟାଲି, ଜାପାନ, ଇଣ୍ଡୋନେସିଆ, ଅଷ୍ଟ୍ରିଆ ତଥା ଫିଲିପାଇନ୍ସରେ ମଧେ ଶୁଣାଯିବା ସହ ଲୋକପ୍ରିୟ ଅର୍ଜନ କରିପାରିଛି।



ଜୟପୁର ଆକାଶବାଣୀ କେନ୍ଦ୍ର।

# ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ମହେନ୍ଦ୍ରଗିରି

ରାୟଗଡ଼(ଗଜପତି)/ପାରଳାଖେମୁଣ୍ଡି, ୨୦।୨(ଡି.ଏନ୍.ଏ./ସ୍ୱ.ପ୍ର.)

ଓଡ଼ିଶା-ଆନ୍ଧ୍ର ସୀମାନ୍ତ ମହେନ୍ଦ୍ର ପର୍ବତମାଳାରେ ରହିଛି ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି। ପୌରାଣିକ ଓ ଭୌଗୋଳିକ ଦୃଷ୍ଟିକୋଣରୁ ଏହି ପୀଠର ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ଫଳରେ ଉଭୟ ରାଜ୍ୟର ଶ୍ରଦ୍ଧାଳୁଙ୍କୁ ଏହି ପୀଠ ଆକର୍ଷିତ କରିଥାଏ। ଗଜପତି ଜିଲା ବ୍ଲକ୍‌ରେ ରହିଥିବା ଏହି ପୀଠରେ ବିଶେଷକରି ମହାଶିବରାତ୍ରି(ଜାଗର)ରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ସହ ଅଞ୍ଚଳ ଉତ୍ସବମୁଖର ହୋଇଉଠିଥାଏ। ଆଜି ଜାଗର ହୋଇଥିବାବେଳେ ଦିନକ ପୂର୍ବରୁ ହିଁ ପୀଠ ଏବଂ ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଏଠାକୁ ଯାତାୟାତ କଷ୍ଟକର ହୋଇଥିବାରୁ ଶ୍ରଦ୍ଧାଳୁମାନେ ଗୁରୁବାର ସନ୍ଧ୍ୟାରୁ ହିଁ ପହଞ୍ଚିଛନ୍ତି।

ପ୍ରାକୃତିକ ମନୋରମ ପରିବେଶ ତଥା ବନୌଷଧିରେ ପରିପୂର୍ଣ୍ଣ ମହେନ୍ଦ୍ରଗିରି ପର୍ବତ ଶ୍ରଦ୍ଧାଳୁଙ୍କୁ ବେଶ୍ ଆକର୍ଷିତ କରୁଥିବାବେଳେ ଅନେକ ମନ୍ଦିର, ଶିବଲିଙ୍ଗ ଓ ଗୁମ୍ଫା ଦର୍ଶନ କରି ଖୁସି ଅନୁଭବ କରିଥାନ୍ତି। ଲୋକକଥା ଅନୁଯାୟୀ, ସତ୍ୟଯୁଗରେ ମହାଦେବ ଗୋହତ୍ୟା ପାପରୁ ମୁକ୍ତି ପାଇଁ ଏହି ପର୍ବତରେ ତପସ୍ୟା କରିବା ସହ ଗୋକର୍ଣ୍ଣେଶ୍ୱରଙ୍କୁ ପ୍ରତିଷ୍ଠା କରିଥିଲେ। ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଏଠାରେ ଅଜ୍ଞାତ ବନବାସ କରିଥିଲେ। ସେହିପରି ନୀଳମାଧବଙ୍କ ପୂଜା ଓ ଦାରୁବ୍ରହ୍ମର ଆଦ୍ୟସ୍ଥଳୀ ଏହି ମହେନ୍ଦ୍ରଗିରି ବୋଲି ମାନ୍ୟତା ରହିଛି । ତ୍ରେତୟା ଯୁଗରେ ପ୍ରଭୁ ପର୍ଶୁରାମଙ୍କ ତପସ୍ଥଳୀ ଓ ରାମାୟଣରେ ବର୍ଣ୍ଣିତ ହନୁମାନଙ୍କ ଲମ୍ଫ ପ୍ରଦାନସ୍ଥଳୀ



ମହାଶିବରାତ୍ରି ପାଇଁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ଦିନକ ପୂର୍ବରୁ ଶ୍ରଦ୍ଧାଳୁ ଭିଡ଼

ମଧ୍ୟ ଏହି ମହେନ୍ଦ୍ର ପର୍ବତମାଳା ବୋଲି ବିଶ୍ୱାସ ରହିଛି। ଏଠାରେ ରହିଛି ଯୁଧିଷ୍ଠୀର, ଭୀମ, ଅର୍ଜ୍ଜୁନ, ନକୁଳ, ସହଦେବ ଓ ମାତା କୁନ୍ତୀଙ୍କ ମନ୍ଦିର। ଏଠାରେ ଠାକୁର ମହେନ୍ଦ୍ରେଶ୍ୱର, ଭୀମେଶ୍ୱର, ଚନ୍ଦ୍ରେଶ୍ୱର, ଧର୍ମରାଜେଶ୍ୱର, ଅର୍ଜ୍ଜୁନେଶ୍ୱର, ନକୁଳେଶ୍ୱର, ସହଦେବେଶ୍ୱର, କୁବେରେଶ୍ୱର, ବ୍ରହ୍ମେଶ୍ୱର ରୂପରେ ପୂଜିତ। ମହେନ୍ଦ୍ରଗିରିରେ ଦେବଦର୍ଶନ ସାଙ୍ଗକୁ ନିକଟବର୍ତ୍ତୀ ଜିରାଙ୍ଗର ପ୍ରତ୍ୟକ୍ଷ ଦେବତା ବଳଭଦ୍ର, ଗୁଦ୍‌ଗୁଦା ଜଳପ୍ରପାତ, କିଞ୍ଜିଲିଙ୍ଗିର ସାତଭଉଣୀ, ଗଣ୍ଡାହାତୀ ଜଳପ୍ରପାତ ଏବଂ ଅନେକ ମନ୍ଦିର ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ମହେନ୍ଦ୍ର ପର୍ବତରୁ ନିସୃତ ମହେନ୍ଦ୍ରତନୟା ନଦୀ। ଏହି ଗିରିରେ ବିରାଜମାନ ଭୀମ ମନ୍ଦିରର ମାହାତ୍ମ୍ୟ ସ୍ୱତନ୍ତ୍ର। ୧୦୦ ରୁ ୧୫୦ କୁଇଣ୍ଟାଲ ଓଜନର ବିରାଟକାୟ ୧୯ ପଥରରେ ନିର୍ମିତ ଏହି ମନ୍ଦିର ବୌଦ୍ଧସ୍ତୁପ ଆକୃତିରେ ନିର୍ମିତ। କେତେଜଣ ଗବେଷକଙ୍କ କହିବା ହେଲା ଭୀମ ବଳବାନ ହୋଇଥିବାରୁ ସେ ଏହି ବିରାଟକାୟ ପଥରଗୁଡ଼ିକ ଆଣି ରଖିଥିଲେ। ସେହିପରି ମନ୍ଦିରରେ ଥିବା ସୂକ୍ଷ୍ମ ରାସ୍ତାର ରହସ୍ୟ ଅନ୍ୟତମ ଆକର୍ଷଣ। ତେବେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଠାରେ ଆଖିଦୃଶିଆ ବିକାଶ ହୋଇପାରିନାହିଁ। ଫଳରେ ଶ୍ରଦ୍ଧାଳୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତଥାପି ମହାଶିବରାତ୍ରିରେ ଏଠାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ।

## ପୋଷ୍ୟ ସନ୍ତାନ ଗ୍ରହଣ କଲେ ଦମ୍ପତି

ପାରଳାଖେମୁଣ୍ଡି, ୨୦।୨ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରୁ କଟକର ଜଣେ ଦମ୍ପତି ଏକ କନ୍ୟା ସନ୍ତାନକୁ ପୋଷ୍ୟ ସନ୍ତାନ ଭାବେ କୋଳେଇ ନେଇଛନ୍ତି। ପୂର୍ବରୁ ଏହି ଦମ୍ପତି ଅନ୍‌ଲାଇନରେ ପୋଷ୍ୟ ସନ୍ତାନ ପାଇବା ନିମନ୍ତେ ଆବେଦନ କରିଥିଲେ। ତାଙ୍କ ଦରଖାସ୍ତକୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା ଅନୁମୋଦନ କରିବା ପରେ ଏହି ଦମ୍ପତି ଗଜପତି ଜିଲା ପୋଷ୍ୟ ସନ୍ତାନ କେନ୍ଦ୍ରକୁ ଆସି ଶିଶୁକନ୍ୟାକୁ ପସନ୍ଦ କରିଥିଲେ। ପରେ ଜିଲା ପୋଷ୍ୟ ସନ୍ତାନ ଅନୁମୋଦନ କମିଟି ଉକ୍ତ ଦମ୍ପତିଙ୍କୁ କନ୍ୟା ସନ୍ତାନ ପ୍ରଦାନ କରିବାକୁ ଅନୁମୋଦନ ଦେଇଥିଲେ। ଶିଶୁଟିକୁ ଆଇନଗତ ସ୍ୱୀକୃତି ପ୍ରଦାନ କରାଯିବାପରେ ଗଜପତିର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ଜିଲାପାଳ ଅନୁପମ ଶାହାଙ୍କ ଉପସ୍ଥିତିରେ ଉକ୍ତ କନ୍ୟାଙ୍କୁ ଦମ୍ପତିଙ୍କୁ ଦିଆଯାଇଥିଲା। ଶିଶୁ କନ୍ୟାକୁ ହସ୍ତାନ୍ତର କରିବାବେଳେ ଶିଶୁ କଲ୍ୟାଣ ସମିତି ସଦସ୍ୟା ଅଳକା ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜାଗରମେଳା ପାଇଁ ତହସିଲ ଅଫିସରେ କାମ ବନ୍ଦ

ପାରଳାଖେମୁଣ୍ଡି, ୨୦।୨ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ତହସିଲ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ମହେନ୍ଦ୍ର ଉତ୍ସବ ପାଇଁ ଠପ୍ ହୋଇପଡିଥିବାର ଦେଖିବାକୁ ମିଳିଛି। ମହେନ୍ଦ୍ରଗିରି ପର୍ବତରେ ଶିବରାତ୍ରି ପାଇଁ ଯେଉଁ ଜାଗରମେଳା ଅନୁଷ୍ଠିତ ହୁଏ ସେଥିପାଇଁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି କାର୍ଯ୍ୟାଳୟର ସମସ୍ତ ଯାନବାହାନ ମଧ୍ୟ ଜାଗର ମେଳା ପାଇଁ ନିୟୋଜିତ କରାଯାଇଥିବା ଜଣାପଡିଛି । ତହସିଲ କାର୍ଯ୍ୟାଳୟ ଉପରେ ଜମି ପଟ୍ଟା ସମ୍ପର୍କିତ କାର୍ଯ୍ୟପାଇଁ ପାରଳାଖେମୁଣ୍ଡି ସହର ବ୍ୟତୀତ ଗୋଷାଣୀ ବ୍ଲକର ବହୁ ଜନସାଧାରଣ ନିର୍ଭର କରିଥାନ୍ତି ।



ଜାଗରମେଳା ଆୟୋଜନ ହେବା ଠିକ୍ କଥା ମାତ୍ର ଗୋଟିଏ ସରକାରୀ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ଠପ୍ ହେବା ଦ୍ୱାରା ସାଧାରଣ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ସ୍ୱାଗତିକା ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଜାଗର ମେଳାରେ ସମସ୍ତ କର୍ମଚାରୀ ନିୟୋଜିତ ହୋଇଥିବାବେଳେ କେବଳ ମହିଳା କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।

## ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପାରଳାଖେମୁଣ୍ଡି, ୨୦।୨ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଓମ୍ ଶାନ୍ତି କଲୋନୀରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତି ସନ୍ଦେଶ ଭବନରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପାରଳା ସ୍ୱାଭିମାନ ମଞ୍ଚ ଆବାହକ ଡ. ତିରୁପତି ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ସଂସ୍ଥା ସମାଜକୁ ଚରିତ୍ର ନିର୍ମାଣ ଏବଂ ନିଶାମୁକ୍ତ କରିବା ସନ୍ଦେଶ ଦେଉଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବ୍ରହ୍ମାକୁମାରୀ ମାଳା ଭଉଣୀ ଯୋଗଦେଇଥିଲେ। ମଣିଷ ଆତ୍ମା ୫ ବିକାର ରୁଦ୍ଧ ଅନ୍ଧାରରୁ ମୁକ୍ତ ହେଲେ ମହାଶିବରାତ୍ରି ପ୍ରକୃତରେ ପାଳନ କରାଯାଇପାରିବ ବୋଲି କହିଛନ୍ତି। ନୀରବତାର ଯୋଗର ମହତ୍ତ୍ୱ ବହୁତ ଅଛି ବୋଲି ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ କଲେଜର ଭାଇସ୍ ଚେୟାରମ୍ୟାନ ବାସୁଦେବ ବେହେରା ଅନ୍ୟତମ ଅତିଥିଭାବେ ଯୋଗ ଦେଇ କହିଥିଲେ। ବି.କେ. ଲିପି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡିଆ ବିଭାଗ ପାଠଚକ୍ର

ପାଟପୁର,୨୦।୨(ଡି.ଏନ.ଏ.)

ପାଟପୁର ସ୍ଥିତ ବିଶ୍ୱାସରାୟ ବିଜ୍ଞାନ କଲେଜ ସ୍ନାତକ ଓଡିଆ ବିଭାଗ ପକ୍ଷରୁ ପାଠଚକ୍ର ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅନୁଜ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପାଠଚକ୍ରକୁ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ବ୍ରହ୍ମା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

## ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ

ଖଲ୍ଲିକୋଟ,୨୦।୨(ଡି.ଏନ୍.ଏ.)

ଖଲ୍ଲିକୋଟ ବ୍ଲକ ଡି.ଗୁହାରିଆପାଟ ଗ୍ରାମ ରମ୍ଭା ସାଉଥ୍‌କୋ ଡିଭିଜନର କର୍ମଚାରୀ ଆର. କ୍ରୀଷ୍ଣା ରେଡ୍ଡୀ, ସାଗର କୁମାର ଦାସ, ଚନ୍ଦ୍ରଶେଖର ରଥ, ଅରକ୍ଷୀତ ନାୟକ, ଜୟସେନ ଗୌଡ଼, ବି. କେଶବ ପ୍ରଧାନ ପ୍ରମୁଖ ବକେୟା ବିଦ୍ୟୁତ ବିଲ୍ ଆଦାୟ କରୁଥିଲେ। ଯେଉଁମାନେ ବକେୟା ବିଲ୍ ଦେଉ ନ ଥିଲେ ସେମାନଙ୍କ ସଂଯୋଗ ବିଚ୍ଛିନ୍ନ କରାଯାଉଥିଲା। ଏହି ସମୟରେ ଉକ୍ତ ଗ୍ରାମର ୨ଜଣ ବ୍ୟକ୍ତି କାଠ ଫାଳିଆରେ ଉକ୍ତ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। କର୍ମଚାରୀମାନେ ଆହତ ହୋଇ ରମ୍ଭା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆକ୍ରମଣ କରିଥିବା ଅଭିଯୁକ୍ତ ଦ୍ୱୟ ବେଆଇନ ଭାବେ ହୁକ୍ ପକାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ରମ୍ଭା ସାଉଥ୍‌କୋ ଏସ୍‌ଡିଓ ଗୋପାଳ କୃଷ୍ଣ ପ୍ରଧାନ ଗୁରୁବାର ଖଲ୍ଲିକୋଟ ଥାନାରେ ଏତଲା ଦେଇଛନ୍ତି। ନଂ.୮୧/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ଯୁବକଙ୍କୁ ହତ୍ୟା ଧମକ

ଗୋପାଳପୁର,୨୦।୨- ଜୈନିକ ଯୁବକଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ନେଇ ଗୋଳନ୍ଥରା ଥାନାରେ ଗୁରୁବାର ସନ୍ଧ୍ୟାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, କନିଷିହାଟ ଗ୍ରାମର ସୁବାଶିଷ ସାହୁ ଗତ କିଛିଦିନ ତଳେ ଉକ୍ତ ଥାନା ଅନ୍ତର୍ଗତ କନିଷି ଗ୍ରାମର ୫ ହରିଜନ ପରିବାରଙ୍କ ଜମି ହଡପ ମାମଲାରେ ନ୍ୟାୟ ପ୍ରଦାନ ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ରାଜ୍ୟ ପୋଲିସ ମୁଖ୍ୟାଳୟ, ସିବିଆଇ, ଇଡି ଓ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଗତ ୧୦ ତାରିଖରେ ରାଜ୍ୟ ମାନବାଧିକାର କମିଶନ ୪ ସପ୍ତାହ ମଧ୍ୟରେ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ପୋଲିସ ଓ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ଖୋଲାଖୋଲି ବୁଲୁଥିଲେ ମଧ୍ୟ ସେମାନଙ୍କୁ ଗିରଫ କରାଯାଉ ନ ଥିବା ସୁବାଶିଷ ଅଭିଯୋଗ କରିଛନ୍ତି। ବୁଧବାର ରାତିରେ ତାଙ୍କୁ ଅଜଣା ବ୍ୟକ୍ତି ଫୋନ କରି ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ନଂ.୫୨/୨୦ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବାବୁଲି ନାୟକ କହିଛନ୍ତି।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଶୁକ୍ରବାର, ୨୧ ଫେବୃୟାରୀ, ୨୦୨୦



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବିନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଡ଼େ ସ୍ୱର୍ଦ୍ଧା, ତ୍ୟାଗରେ ବଡ଼େ ମହତ୍ତ୍ୱ।
-ଶିରିଡି ସାଇବାବା



## ସଂକ୍ଷେପରେ

### ସୀମାନ୍ତ ଗାଁରେ ଖୋଲିଲା ଚାଉଳ ପ୍ରଦାନ କେନ୍ଦ୍ର



ପଟ୍ଟାଙ୍ଗି,୨୦।୨(ଡି.ଏନ୍.ଏ.): କିଛିଦିନ ତଳେ ଆନ୍ଧ୍ର ସରକାର ସୀମାନ୍ତ କୋଟିଆ ଗ୍ରାମବାସୀଙ୍କୁ ଜଙ୍ଗଲ ଜମିପଟ୍ଟା ଦେଇ ସେମାନଙ୍କ ନିକଟତର ହେବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଏହାର କିଛିଦିନ ବ୍ୟବଧାନରେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଯୋଗାଣ ଅଧିକାରୀ ସୋନାଲି ଖରା, ପିଇଓ ଦୁଃଶାସନ ନାୟକ ଓ ଯୋଗାଣ ସହାୟକ ରିନା ଖିଲ କୋଟିଆ ପଞ୍ଚାୟତ ତଥା ଆନ୍ଧ୍ର ସୀମାନ୍ତ ତାଡିବାଲସା ଗ୍ରାମରେ ପହଞ୍ଚି ଅସ୍ଥାୟୀ ଚାଉଳ ପ୍ରଦାନ କେନ୍ଦ୍ର ଆୟୋଜନ କରି ଗ୍ରାମବାସୀଙ୍କୁ ଚାଉଳ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଉପରୋକ୍ତ ଗ୍ରାମ ସମେତ ଆରୁଜୁବାଲସା, ନେରଡବାଲସା, ଧୂଳିପଦର ଓ ଝାଙ୍ଗରଗୁଡ଼ା ପାଞ୍ଚ ଖଣ୍ଡ ଗ୍ରାମବାସୀଙ୍କ ଲୋକସଂଖ୍ୟା ୮୧୮ ରହିଥିବା ସହ ୨୮୬ କାର୍ଡଧାରୀ ପ୍ରତି ମାସରେ ପ୍ରାୟ ୧୦ କିଲୋମିଟର ଦୂର କୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଚାଉଳ ନେବା ସମସ୍ୟା ହେଉଥିଲା। ସେହିପରି ଆନ୍ଧ୍ର ସୀମାନ୍ତ ଅନ୍ୟ ଏକ ଗ୍ରାମ କୁମ୍ଭିଗୁଡ଼ାରେ ଯୋଗାଣ ବିଭାଗ ଅଧିକାରୀ ଖରା ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତା ମାସରୁ ତାଡିବାଲସା ଗ୍ରାମରେ ଅସ୍ଥାୟୀ ଭାବେ ଖୋଲା ଯାଇଥିବା ଚାଉଳ କେନ୍ଦ୍ରରୁ କୁମ୍ଭିଗୁଡ଼ା ଗ୍ରାମବାସୀ ଚାଉଳ ପାଇପାରିବେ। କୋଟିଆ ପଞ୍ଚାୟତରେ ମୋଟ ୮୦୪୩ ଲୋକସଂଖ୍ୟା ଥିବାବେଳେ ୨୬୨୭ କାର୍ଡଧାରୀଙ୍କ ପାଇଁ ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟ ସମେତ ଶ୍ରାବଣିକା ଏସ୍ଏଚ୍ଜି ଓ ଆଡୁମାଳି ଏସ୍ଏଚ୍ଜି ପ୍ରମୁଖ ତିନୋଟି ଚାଉଳ ପ୍ରଦାନ କେନ୍ଦ୍ରରୁ ହିତାଧିକାରୀଙ୍କୁ ପ୍ରତି ମାସରେ ଚାଉଳ ଦେଇ ଆସୁଥିଲା ବ୍ଲକ ପ୍ରଶାସନ।

### ଚକ୍ଷୁ ପରୀକ୍ଷା ଶିବିର



ଚାନ୍ଦିଲି(କୋଟପାଡ଼), ୨୦।୨ (ଡି.ଏନ୍.ଏ.): ମୁଖ୍ୟମନ୍ତ୍ରୀ ଚକ୍ଷୁ ଯତ୍ନ କାର୍ଯ୍ୟକ୍ରମ ସୁନେତ୍ର ଯୋଜନା ଆନୁକୂଲ୍ୟରେ କୋଟପାଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। କୋଟପାଡ଼ ଜାମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଉକ୍ତ ଶିବିର ହୋଇଛି। ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ଚକ୍ଷୁ ସମସ୍ୟା ଥିବା ପ୍ରାୟ ୧୧୮ ଜଣ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇଥିଲା। ଜୟପୁର ଚକ୍ଷୁ ଚିକିତ୍ସା ସହାୟକ ହରମୋହନ ପାତ୍ର, ଅଶ୍ୱିନୀ ପାତ୍ର ଚକ୍ଷୁ ପରୀକ୍ଷା କରିଥିବା ବେଳେ କର୍ମଚାରୀ ଯୋସେଫ ଚେଙ୍ଗି, କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଇଇ ରବୀନ୍ଦ୍ର ସେଠୀ, ସ୍ୱାସ୍ଥ୍ୟକର୍ମୀ ନରସିଂହ ସାହୁ, ଦୁର୍ଗା ପ୍ରସାଦ ଖୁଣ୍ଟିଆ, ପ୍ରକାଶ ବେହେରା, ସମୀର ତ୍ରିପାଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଦୃଷ୍ଟି ସମସ୍ୟା ଥିବା ଛାତ୍ରୀଛାତ୍ରଙ୍କୁ ମାଗଣା ଚଷମା ଦିଆଯିବ।

# ରାସ୍ତାରେ ମାଠିଆ ରଖି ପ୍ରତିବାଦ କଲେ ମହିଳା



ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।



ପ୍ରଶାସନିକ ଅଧିକାରୀ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରୁଛନ୍ତି।

- ଠିକ୍ ଭାବେ ପାନୀୟ ଜଳ ଯୋଗାଣ ହେଉ ନ ଥିବା ଅଭିଯୋଗ
- ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଧାରଣା ହଟିଲା

ଟିକିରି, ୨୦।୨(ଡି.ଏନ୍.ଏ.)

ଖରା ଆରମ୍ଭରୁ ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଦେଖାଦେଲାଣି ପାନୀୟ ଜଳ ସମସ୍ୟା। ସ୍ଥାନୀୟ ଅଞ୍ଚଳରେ ପରିମଳ ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଦୀର୍ଘ ଦିନ ଧରି ଆସୁ ନ ଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳର ମହିଳାମାନେ ମାଠିଆ ରଖି ରାସ୍ତା ଅବରୋଧ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ମହିଳାଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପାଣି ଯୋଗାଣ ହେଉ ନ ଥିବାରୁ ଖୁଣ୍ଟିଆ ସାହି ମହିଳା ମଣ୍ଡଳ ପଞ୍ଚାୟତ କାର୍ଯ୍ୟାଳୟ, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟରେ ତାଲା ପକାଇ ମହିଳାମାନେ ମାଠିଆ ରଖି ରାସ୍ତା ଅବରୋଧ କରିଛନ୍ତି। ଫଳରେ ସ୍ଥାନୀୟ କଲେଜ ପଡିଆରେ ଚାଲିଥିବା ଏକ ସମ୍ପର୍କ ଶିବିରରେ ଯୋଗ ଦେବାକୁ ଆସିଥିବା ବିଭିନ୍ନ ଅଧିକାରୀ ସେଠାରେ ଅଟକି ରହିଥିଲେ। ରାସ୍ତା ଅବରୋଧ ଯୋଗୁ ଦୀର୍ଘ ସମୟ ଯାନ ବାହନ ଚଳାଚଳ ହୋଇ ପାରି ନ ଥିଲା। ପାନୀୟ ଜଳ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀ ଏବଂ ପିଇଓଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଧାରଣା ଦେଇଛୁ ବୋଲି ମହିଳାମାନେ କହିଛନ୍ତି। କାଶୀପୁର ବିଡିଓ ସୁଧାକର ରଇତ, ଏବିଡିଓ ବଳରାମ ପାତ୍ର ଓ କାଶୀପୁର ଥାନାଧିକାରୀ ଦୁର୍ଗାମାଧବ ପ୍ରଧାନ, ଅତିରିକ୍ତ ତହସିଲଦାର ବିକ୍ଷୋଭ ପ୍ରଦର୍ଶନ କରିଥିବା ମହିଳାଙ୍କ ସହ ଆଲୋଚନା କରିଥିଲେ। ପାଣି ଯୋଗାଣ ହେଲାପରେ ରାସ୍ତା ଅବରୋଧ ହଟିବ ବୋଲି ମହିଳାମାନେ କହିଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ବିଭିନ୍ନ ସମୟରେ ପଞ୍ଚାୟତ କାର୍ଯ୍ୟାଳୟରେ ରହୁ ନାହାନ୍ତି। ଜଳ ସମସ୍ୟା ସମାଧାନ ପାଇଁ ପାନୀୟ ଜଳ ବିଭାଗ ଓ ପଞ୍ଚାୟତ କର୍ମଚାରୀ ପରସ୍ପର ଉପରେ ଦାୟିତ୍ୱ ଲଦି ଦେଇ ଚୁପ୍ ରହୁଛନ୍ତି ବୋଲି ମହିଳାମାନେ ଅଭିଯୋଗ କରିଥିଲେ। ବିଡିଓ ସମସ୍ୟା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ପଞ୍ଚାୟତ ଓ ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ଡକାଇ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ୟା ସମାଧାନ କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ପରେ ମହିଳାମାନେ ଧାରଣାରୁ ହଟିଥିଲେ।

# ୧୨୬ ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ

ମୁନିଗୁଡା, ୨୦।୨ (ଡି.ଏନ୍.ଏ.)

ମୁନିଗୁଡା +୨ ମହାବିଦ୍ୟାଳୟରେ ଗତ ୭ ତାରିଖଠାରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ଭାବେ ତହସିଲଦାର ଡ. ଦେବାଶିଷ ଗୌଡ ଯୋଗଦେଇ ଆତ୍ମରକ୍ଷା କୌଶଳର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖିବା ଦ୍ୱାରା ଅସୁବିଧା ସମୟରେ ନିଜକୁ ଓ ଅନ୍ୟମାନଙ୍କୁ ରକ୍ଷା କରିପାରିବେ ବୋଲି ସେ କହିଥିଲେ। କଲେଜ ଅଧ୍ୟକ୍ଷ ଡ. ଦେବାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଅଧ୍ୟାପକ ମନୋଜ ବେହେରା, ଇକୋନୋମିକ୍ସ ଅଧ୍ୟାପିକା କଲ୍ୟାଣୀ ପାଢ଼ୀ, ଓଡ଼ିଆ ଅଧ୍ୟାପିକା ରୋଜାଲିନ୍ ମଲ୍ଲ, ଖେଳ ଅଧ୍ୟାପକ ଚତୁର୍ଭୁଜ ବନଛୁର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନ୍ର ଦୀପ୍ତିରାଣୀ ପଣ୍ଡା ଓ ପୂଜାରାଣୀ ହିକ୍କା ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳୟର ୧୨୬ ଜଣ ଛାତ୍ରୀ ତାଲିମ ନେଇଥିଲେ। ଅତିଥି ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦେଇଥିଲେ। କଲେଜ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥି ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ଦେଉଛନ୍ତି।

# ସ୍ଥାୟୀ ନିଯୁକ୍ତି, ମହଙ୍ଗା ଭତ୍ତା ଦାବି

ରାୟଗଡ଼ା ଅଫିସ, ୨୦।୨

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ରାୟଗଡ଼ା ଶାଖା ସଦସ୍ୟମାନେ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଦେଇଛନ୍ତି। ୫ ପ୍ରତିଶତ ମହଙ୍ଗା ଭତ୍ତା ସହ ଗଚ୍ଛିତ ବକେୟା ପ୍ରାପ୍ୟ ପ୍ରଦାନ, ସପ୍ତମ ବେତନ କମିଶନ ହାରରେ ଘରଭଡ଼ା ଦେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରର ଜଣଙ୍କୁ ଚାକିରି ମିଳିବ, ଉକ୍ତ ଲୋକଙ୍କ ଶିକ୍ଷାଗତ ଯୋଗ୍ୟତା ଥିଲେ ମଧ୍ୟ ତାଙ୍କୁ ଗ୍ରୁପ ଡିରେ ହିଁ ଚାକିରି ମିଳିବ। ସରକାରଙ୍କ ଏହି ଘୋଷଣା ଦୁର୍ଭାଗ୍ୟଜନକ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବର୍ଷ ବର୍ଷ ଧରି ଶିକ୍ଷକମାନଙ୍କ ପଦୋନ୍ନତି ନ କରିବା, ଏଥିସହ ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଭାପତି ଅନନ୍ତ ଚରଣ ରଥ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସହ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଶିକ୍ଷକ ସଂଘ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏପିଆଇର ଦାବିପତ୍ର

ରାୟଗଡ଼ା ଅଫିସ,୨୦।୨

ଆମ୍ବେଡକର ପାର୍ଟି ଅଫ୍ ଇଣ୍ଡିଆ(ଏପିଆଇ) ରାୟଗଡ଼ା ଶାଖା ବିଭିନ୍ନ ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଡେପୁଟି କଲେକ୍ଟର ନାରାୟଣ ଚନ୍ଦ୍ର ମିଶ୍ରଙ୍କୁ ଦେଇଛନ୍ତି। ଗତ ୭ ତାରିଖରେ ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ ଚାକିରି କ୍ଷେତ୍ରରେ ସଂରକ୍ଷଣ ଓ ପଦୋନ୍ନତି ବ୍ୟବସ୍ଥା ନ ରହିବା ଲାଗି ରାୟ ପ୍ରକାଶ କରିଛନ୍ତି। ଏହି ରାୟ ସମ୍ବିଧାନର ମୂଳ ଆତ୍ମା ଓ ଲକ୍ଷ୍ୟର ବିପରୀତ ବୋଲି ଦଳ ପକ୍ଷରୁ କୁହାଯାଇଛି। ଚାକିରିରେ ପୂର୍ବ ପରି ଏସ୍ସି, ଏସ୍ଟି ଓ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଜରିଆରେ ଦଳ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ପତ୍ର ପ୍ରଦାନ ବେଳେ ଆମ୍ବେଡକର ପାର୍ଟି ସଭାପତି ସନ୍ତୋଷ କୁମାର ବିଡ଼ିକାଙ୍କ ସହ ଦଳର ଅନ୍ୟମାନେ ଉପସ୍ଥିତ ଥିଲେ।




ଡେପୁଟି କଲେକ୍ଟର ଦାବିପତ୍ର ଗ୍ରହଣ କରୁଛନ୍ତି।

## ୩ ନାବାଳିକା ଉଦ୍ଧାର

କୁନ୍ଦୁରା,୨୦।୨(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ୪ଟି ବିଭାଗର ଅଧିକାରୀ ଶିଶୁ ସୁରକ୍ଷା ଅଭିଯାନ କରି ଏକ କାଜୁ ମିଲ୍‌ରୁ ୩ଜଣ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଗୁରୁବାର ଏହି ଶିଶୁ ସୁରକ୍ଷା କାର୍ଯ୍ୟକ୍ରମରେ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ, ସିଡବ୍ଲୁସି ଅଧ୍ୟକ୍ଷା ଡ. ଗାୟତ୍ରୀ ଦେବୀ, ଡିସିପିଓ ରାଜଶ୍ରୀ ଦାଶ, ଶ୍ରମ ନିରୀକ୍ଷକ ପୂର୍ଣ୍ଣିମା ଦୁର୍କା, କୁନ୍ଦୁରା ଥାନାଧିକାରୀ ସୂର୍ଯ୍ୟପ୍ରକାଶ ନାୟକ କାଜୁ ମିଲରେ ମିଳିତ ଭାବେ ଚଢ଼ାଉ କରିଥିଲେ। ଅଞ୍ଚଳର ବହୁ ସ୍ଥାନରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯିବା ସହ ସେମାନଙ୍କୁ ଶୋଷଣ ଓ ନିର୍ଯାତନା ଦିଆଯାଉଛି। ଶିଶୁ ସୁରକ୍ଷା ଅଭିଯାନ ମାଧ୍ୟମରେ ଗୁରୁବାର ସେମାନଙ୍କୁ ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ। ଉକ୍ତ ୩ ଜଣ ନାବାଳିକାଙ୍କୁ ଶିଶୁ ସୁରକ୍ଷା ବିଭାଗ କୋରାପୁଟରେ ରଖିଥିବା ବେଳେ ଶୁକ୍ରବାର ସେମାନଙ୍କ ବୟାନ ରେକର୍ଡ଼ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ।

## ମାର୍ଚ୍ଚ ୧ରେ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ଜୟପୁର,୨୦।୨(ନି.ପ୍ର.)

ମାର୍ଚ୍ଚ ୧ରେ ଜୟପୁର ଐତିହାସିକ ଜଗନ୍ନାଥ ସାଗର ନିକଟସ୍ଥ ଲେକ ପ୍ଲେସିଡରେ ଷ୍ଟେଟ୍ ବଡି ବିଲଡିଂ ଆଣ୍ଡ ଫିଟନେସ ଚାମ୍ପିୟନଶିପ ଆୟୋଜିତ ହେବ। ରାଜ୍ୟର ସବୁ ଜିଲାରୁ ୪ରୁ ୫ ଶହ ପ୍ରତିଯୋଗୀ ଭାଗନେବେ। ର୍ୟାମ୍ପ ସହ ସଚେତନତା ଶୋଭାଯାତ୍ରା କରାଯିବ। ମଶଲ ୱାରିୟର ଜିମ୍ ପକ୍ଷରୁ କୋରାପୁଟ ଫିଟନେସ ବଡି ବିଲଡିଂ ଆସୋସିଏସନ ପ୍ରତିଯୋଗିତା ଆୟୋଜନ କରୁଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ନରେନ୍ଦ୍ରନାଥ ନାୟକ, ଉପସଭାପତି ଜଗଦୀଶ ଚନ୍ଦ୍ର ମିଶ୍ର, ସଙ୍ଗଠନ ସମ୍ପାଦକ ସନ୍ତୋଷ ନାୟକ, ପ୍ରଦୀପ ମହାପାତ୍ର, ତୁଳସୀ ବେହେରା ଉପସ୍ଥିତ ଥିଲେ।

# ଓଡ଼ିଆରେ ନାମଫଳକ ଲେଖିବାକୁ ସଚେତନ କଲେ ଛାତ୍ରୀଛାତ୍ର

## ବିଶ୍ୱ ମାତୃଭାଷା ଦିବସ ପାଳିତ

ଟିକିରି, ୨୦।୨ (ଡି.ଏନ୍.ଏ.)

ଟିକିରି ସରକାରୀ ହାଇସ୍କୁଲ ପକ୍ଷରୁ ଗୁରୁବାର ମାତୃଭାଷା ଦିବସ ପାଳନ କରାଯାଇଛି। ଫେବୃୟାରୀ ୨୧କୁ ମାତୃଭାଷା ଦିବସ ଭାବେ ପାଳନ କରାଯାଏ। ଶୁକ୍ରବାର ମହାଶିବରାତ୍ରି ଉପଲକ୍ଷେ ସ୍କୁଲ ଛୁଟି ଥିବାରୁ ଗୁରୁବାର ଏହା ପାଳନ କରାଯାଇଥିଲା। ଏହି ଉପଲକ୍ଷେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ଟିକିରି ଥାନା ପର୍ଯ୍ୟନ୍ତ ଯାଇଥିଲା। ଏହି ମାତୃଭାଷା ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ସରକାରୀ ହାଇସ୍କୁଲର ଶିକ୍ଷକ କମଳଲୋଚନ ଖରା କହିଥିଲେ। ସମସ୍ତ ସରକାରୀ, ବେସରକାରୀ ଅଫିସ, ବିଦ୍ୟାଳୟ, ଦୋକାନରେ ଓଡ଼ିଆରେ ନାମଫଳକ ଲେଖିବାକୁ ଛାତ୍ରୀଛାତ୍ର ସଚେତନ କରିଥିଲେ। ଓଡ଼ିଆ ଭାଷା ବ୍ୟବହାର କରିବାକୁ ପିଲାମାନେ ସ୍ଲୋଗାନ ଦେଇଥିଲେ।



ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ୧୩,୫୦୦ ଟଙ୍କା ଜରିମାନା ଆଦାୟ

## ଗାଡି ମୋଟର ଯାଞ୍ଚ

ରାୟଗଡ଼ା ଅଫିସ, ୨୦।୨

ରାୟଗଡ଼ା ସହର ପିତକ୍ଲାଡି ଛକରେ ଗୁରୁବାର ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଇଥିଲା। ସିଟ୍ ବେଲ୍ଟ ବାନ୍ଧି ନ ଥିବା ୩ଟି ଚାରିଚକିଆ ଗାଡ଼ି ଡ୍ରାଇଭରଙ୍କୁ ୩ହଜାର ଟଙ୍କା ଫାଇନ କରାଯାଇଥିଲା। ସେହିଭଳି ହେଲ୍‌ମେଟ ପିନ୍ଧି ନ ଥିବା ୨୧ ବାଇକ୍ ଆରୋହୀଙ୍କୁ ୧୦,୫୦୦ ଟଙ୍କା ଜରିମାନା କରାଯାଇଥିଲା। ଆଗାମୀ ଦିନରେ ଏପରି ଯାଞ୍ଚ କରାଯିବ।



ତେଣୁ ଲୋକେ ଟ୍ରାଫିକ ନିୟମ ମାନିବା ସହ ନୂତନ ମୋଟର ଯାନ ଆଇନ ପାଳନ କରିବାକୁ ରାୟଗଡ଼ା ଥାନା ଏଏସ୍ଆଇ ପି .ରାବଣା କହିଛନ୍ତି।

# ଯୋଗଦେଲେ ୩ ଡାକ୍ତର: ସ୍ୱାସ୍ଥ୍ୟସେବା ସୁଧୁରିବା ଆଶା

## କୋଲନରା ସ୍ୱାସ୍ଥ୍ୟକେନ୍ଦ୍ର

କୋଲନରା, ୨୦।୨ (ଡି.ଏନ୍.ଏ.)

ରାୟଗଡ଼ାରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେଉଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ବୁଧବାର କୋଲନରା ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଜଣ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ସୂଚନା ମିଳିଛି। ଡାକ୍ତର ଏଲ୍.କେ. ସାହୁ, ଚିନ୍ମୟ ନାୟକ ଓ ସୌମ୍ୟ ରଞ୍ଜନ ନାୟକ କୋଲନରା ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେଇଛନ୍ତି। ଏବେ ମଧ୍ୟ ଏଠାରେ ଜଣେ ଫାର୍ମାସିଷ୍ଟ, ୨ଜଣ ଷ୍ଟାଫ୍ ନର୍ସ, ୨ ଜଣ ଆଟେଡାଣ୍ଟ, ଜଣେ ପାଥୋଲୋଜି ଏଲ୍‌ଟି, ଜଣେ ଏଲ୍ଏଚ୍ଭିଙ୍କ ଆବଶ୍ୟକତା ରହିଛି। ଏଠାରେ ଏବେବି ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ରହିଛି। ସେହିଭଳି ଷ୍ଟାଫ ଓ ଡାକ୍ତରଙ୍କ ପାଇଁ କ୍ୱାର୍ଟସର ଆବଶ୍ୟକତା ରହିଛି। ସୂଚନା ଅନୁଯାୟୀ ଗତ ଦିନରେ ସ୍ୱାସ୍ଥ୍ୟକେନ୍ଦ୍ର ଅପରିଷ୍କାର ହୋଇଥିବା ଓ ଡାକ୍ତର ଅଭାବ ନେଇ ଲୋକେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଥିଲେ। ଏବେ ୩ଜଣ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ସୁରୁଖୁରୁରେ ରୋଗୀସେବା ପାଇପାରିବେ ବୋଲି ଲୋକେ କହିଛନ୍ତି। ଆନୁଷଙ୍ଗିକ ଯନ୍ତ୍ରପାତି ଓ ଖାଲି ଥିବା ଅନ୍ୟ ପଦବୀ ତୁରନ୍ତ ପୂରଣ ହେଲେ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ମିଳିପାରିବ ବୋଲି ପ୍ରତିଶ୍ରୁତି ଦିଆଗଲେ ସୁବିଧା ହୁଅନ୍ତା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ସେହିପରି ମେଡିକାଲ ବିଲ୍ଡିଂ ଓ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କରିବାକୁ ଲୋକେ ଦାବି କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ମିଳିଲା ଆଶାବାଡ଼ି, ହୁଇଲ୍ ଚେୟାର

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋଲନରା,୨୦।୨(ଡି.ଏନ୍.ଏ.)

କୋଲନରା ପଞ୍ଚାୟତ ସଦରସ୍ଥିତ କଲ୍ୟାଣମଣ୍ଡପରେ ଗୁରୁବାର ପଞ୍ଚାୟତସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ରାୟଗଡ଼ା ଡିଆର୍‌ଡିଏ ପି.ଡି. ଅମ୍ରିତ ଋତୁରାଜ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କୋଲନରା, ବଡ଼ଖିଲାପଦର ଓ ସୁରୀ ପଞ୍ଚାୟତରୁ ୧୦୨ ଜଣ ଦିବ୍ୟାଙ୍ଗ ଶିବିରରେ ନାମ ପଞ୍ଜୀକରଣ କରିଥିଲେ। ୨ ଜଣଙ୍କୁ ଆଶାବାଡ଼ି, ୫ ଜଣଙ୍କୁ ୱାକିଂ ଷ୍ଟିକ୍, ୫ଜଣଙ୍କୁ ହୁଇଲ ଚେୟାର, ୩ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। ଡିଆର୍‌ଆଇ ଋଣ ପାଇଁ ୨ଜଣଙ୍କଠାରୁ ଆବେଦନ ଫର୍ମ ସଂଗ୍ରହ କରାଯାଇଛି। ଏଥିସହ ୨ ଜଣଙ୍କଠାରୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ ଫର୍ମ ଗ୍ରହଣ କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ କୋଲନରା ବିଡିଓ ତାପସ ଭୋଇ, ଏବିଡିଓ କେ. ଶିବ ଗୋପାଳ ରାଓ, ବ୍ଲକ ଅଧ୍ୟକ୍ଷା ଗୀତା କଣ୍ଡାଗରି, ଉପାଧ୍ୟକ୍ଷ ତେଜରାଜ ନାଗ, କୋଲନରା ସରପଞ୍ଚ ମଞ୍ଜୁଳା ଉର୍ଲାକା, ବିଏସ୍ଏସ୍ଓ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ବଡ଼ଖିଲାପଦର ସମିତି ସଭ୍ୟ ମାଧାରାଓ କଣ୍ଡାଗରି, ବି.ଆର.ଟି. ବୀଣାପାଣି ମିଶ୍ର, ପୁଷ୍ପଲତା ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏମ୍ଓ ଡାକ୍ତର ଭବାନୀ ଶଙ୍କର ବହିଦାର, ବଡ଼ଖିଲାପଦର ପିଇଓ ପଦ୍ମନ ସାହୁ, କୋଲନରାର ଭି. ମୁରଲୀ କ୍ରିଷ୍ଣା, କମଳାକାନ୍ତ ରାଉତ ଉପସ୍ଥିତ ଥିଲେ।



ହିତାଧିକାରୀଙ୍କୁ ମିଳିଥିବା ହୁଇଲ୍ ଚେୟାର।